# ନିର୍ଜନତା

ନିର୍ଜନତା ! ଦିଅ ଏକ ନିଶିଦ୍ଧ ଇଲାକା
ଯେଉଁଠାରେ ମୁଁ ଆଉ ମୋର ଏକକ ପ୍ରେମିକା
ଲେଖିବୁ ନିଶିବ୍ଧେ ବସି ଉଦ୍ଦାମ କବିତା ।

ନିର୍ଜନତା ! ତୁମ ରୂପ ବିଶ୍ୱ ବିନ୍ଦନୀୟ
ମୁନି ଋଷି ବିପିନ ପ୍ରାନ୍ତରେ
ପ୍ରେମିକାର ଉଷ୍ମ ସାନ୍ନିଧରେ
ଆଉ ଅନ୍ଧକାର କାରାକକ୍ଷେ
ତୁମର ଦୀପାଳୀ ବିନା ନୁହେଁ ଭାବନୀୟ ।

ମୁଁ ତ ଏକ ପଥଭ୍ରାନ୍ତ ଉଦ୍‌ବେଳିତ
ବିଭ୍ରାନ୍ତ ପ୍ରେମିକ
ନିର୍ଜନତା ! ତୁମ ବିନା ନାହିଁ ମୋ ଠିକଣା
ତୁମର ସାନ୍ନିଧ ବିନା ମୋ କବିତା ନିବେଦନ
ଅତୀବ ପୁରୁଣା ।

ତଥାପି .......
ଆସ ଆସ ଆହେ ନିର୍ଜନତା !
ପ୍ରଗଳ୍‌ଭ ତୁମେ -- ତୁମେଇ ପ୍ରେମିକ
ତୁମେଇ ରସଶୀଳସ୍ୟ ରସ
ତୁମ ବିନା କବିର କବିତା
ଛନ୍ଦହୀନ, ରସହୀନ, ସ୍ୱାଦହୀନ
ଲିଭିଲା ସଳିତା ।

ନିର୍ଜନତା !
ତୁମ ରୂପ ନିତି ଦେଖେ
ମୋ ମନର ଭଙ୍ଗା ଆଇନାରେ
ତୁମକୁ ଭାବୁକ ଦେଖେ
ତା' ପ୍ରେମିକା ନିଟୋଳ ଅଧରେ
ତୁମ ରକ୍ତାଭ ଚିବୁକେ
ମୁଁ ଯେ ନିତି ତୋଳେ ପାରିଜାତ
ତୁମକୁ ପାଇବା ଆସେ
ଦୀନ କବି ପାରେ ତା' ପଣତ
ହେଲେ ନିର୍ଜନତା !
କାହିଁ ତୁମ ସେ ମୋହନ ବେଶ !
ଯାହା ପାଇ ଏ ଦରଦୀ କବି ପ୍ରାଣ
ହୋଇବ ସରସ ।